## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
ଭାଜପାର ଘେରାଉ
ସ୍ଥାନ-ବିଏମ୍‌ସି କାର୍ଯ୍ୟାଳୟ
ସମୟ-୧୧ଟା ୧୫।

## ସଂକ୍ଷେପରେ

### ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା

ଛତ୍ରପୁର,୨୮।୧୧(ଦିଲ୍ଲୀପ ସାମଲ)

ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିସରରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ପ୍ରତିରୋଧ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଏସ୍‌ଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ବରିଷ୍ଠ ଡାକ୍ତର ସୁଦର୍ଶନ ସାହୁ କମିଟିର ସଭ୍ୟ ତଥା ସରକାରୀ ଓକିଲ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ପୋକ୍ସୋ ଆଇନ ସମ୍ବନ୍ଧରେ ସଚେତନତା କରାଇବା ସହିତ ତାଲୁକ ସେବା କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ କହିଥିଲେ।

### ଆଇନ ସଚେତନତା ଶିବିର

ଦିଗପହଣ୍ଡି,୨୮।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆୟୋଜିତ ଶିବିରରେ କମିଟି ଅଧ୍ୟକ୍ଷା ତଥା ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କର୍ମଜୀବୀ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା ଆଇନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଆଭ୍ୟନ୍ତରୀଣ କମିଟି ଗଠନ ଓ ବିଭିନ୍ନ ଆଇନ ବିଷୟରେ ମହିଳାଙ୍କ ଜ୍ଞାନ ଆହରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ହରପ୍ରସାଦ ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଡା. ସୁମିତ କୁମାର ସାହୁ, ଫାର୍ମାସିଷ୍ଟ ଏନ୍. ଦିଲ୍ଲୀପ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ଚିନ୍ତାମଣି ପାଣିଗ୍ରାହୀ, ଜି.ରଶ୍ମିତା ପାତ୍ର, ଷ୍ଟାଫନର୍ସ ଜ୍ୟୋତିର୍ମୟୀ ପାଠୀ, ବିମଳା ବେହେରା, ବିଚାର ବିଭାଗୀୟ କର୍ମଚାରୀ ସତ୍ୟନାରାୟଣ ପାଢ଼ୀ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ପି. ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

### ୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ଜି.ଉଦୟଗିରି,୨୮।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ଉପ ନିର୍ବାଚନ ପାଇଁ ବୁଧବାର ମତଦାନ ହେବାକୁ ଯାଉଥିବା ବେଳେ ୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୮୧୫୫ ମତଦାତା। ଏହି ଉପ ନିର୍ବାଚନରେ ବିଜେଡି ତରଫରୁ ଦେବସ୍ମିତା ଶତପଥୀ, ଭାଜପା ତରଫରୁ ରଞ୍ଜିତା ନାୟକ, କଂଗ୍ରେସ ତରଫରୁ ମଧୁଲିନା ଦିଗାଳ ପ୍ରାର୍ଥିନୀ ହୋଇଛନ୍ତି। ୧୩ ୱାର୍ଡକୁ ନେଇ ଗଠିତ ଜି.ଉଦୟଗିରି ଏନଏସିରେ ମୋଟ ୮୧୫୫ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୮୧୧ ପୁରୁଷ ଥିବା ବେଳେ ୪୩୪୧ ମହିଳା ମତଦାତା ଓ ୩ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ୫ ନମ୍ବର ୱାର୍ଡରେ ସର୍ବାଧିକ ୯୨୧ ଜଣ ମତଦାତା ଥିବାବେଳେ ୬ ନମ୍ବର ୱାର୍ଡ ସବୁଠାରୁ କମ ମାତ୍ର ୧୯୦ ଜଣ ମତଦାତା ଅଛନ୍ତି।

# ୩୭ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଶୁଭାରମ୍ଭ

ଛତ୍ରପୁର, ୨୮।୧୧(ଦିଲ୍ଲୀପ ସାମଲ)

ଏଣିକି ହାତ ପାଆନ୍ତାରେ ମିଳିବ ବ୍ୟାଙ୍କ ସେବା। ରାଜ୍ୟରେ ବହୁ ପଞ୍ଚାୟତରେ ନାହିଁ ବ୍ୟାଙ୍କ ସେବା, ଫଳରେ ପଞ୍ଚାୟତବାସୀ ସେବା ପାଇଁ ଦୂରଦୂରାନ୍ତରକୁ ଯିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଙ୍ଗଳବାର 'ଆମ ବ୍ୟାଙ୍କ' ସେବା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚ୍ଚୁଆଲ ମାଧ୍ୟମରେ ଉଦଘାଟନ କରିଥିଲେ। ଯେଉଁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ, ସିଏସପି ପ୍ଲସ ଆଉଟଲେଟ ମାଧ୍ୟମରେ ୧୫ଟି ବ୍ୟାଙ୍କିଙ୍ଗ ସୁବିଧା ମିଳିବ। ବୃଦ୍ଧ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ଲୋକଙ୍କ ପାଇଁ ଡୋରଷ୍ଟେପ ସେବା ମିଳିବ। ରାଜ୍ୟରେ ୬୭୯୮ ପଞ୍ଚାୟତରୁ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ । ଏହାକୁ ଦୃଷ୍ଟିରେ ରଖି 'ଆମ ବ୍ୟାଙ୍କ' ସେବା ଶୁଭାରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୭୫୦ଟି ଆମ ବ୍ୟାଙ୍କ ସେବା ଶୁଭାରମ୍ଭ ହୋଇଥିବା ବେଳେ ଗଞ୍ଜାମ ଜିଲାରେ ୨୨ଟି ବ୍ଲକରେ ୩୭ଟି ପଞ୍ଚାୟତରେ ଏହି ସେବାର ଶୁଭାରମ୍ଭ ହୋଇଛି। ଛତ୍ରପୁର ବ୍ଲକର ବଉଳଗାଁ, ବଡମାଧପୁର ଓ ପୋଡାପଦର ପଞ୍ଚାୟତରେ ଏହି ସେବା ଆରମ୍ଭ ହୋଇଛି। ବଉଳଗାଁ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଡ଼ିଓ ସୁଶାନ୍ତ ବରାଳ ଓ ବ୍ୟାଙ୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଖଜୁରୀପଡ଼ା,୨୮।୧୧
(ବିଦୁର ବେହେରା)

ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଖଜୁରୀପଡ଼ା ବ୍ଲକ ଗସ୍ତରେ ଆସି ମଙ୍ଗଳବାର ବ୍ଲକ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୩୯ଟି ଅଭିଯୋଗ ଗ୍ରହଣ କରିଛନ୍ତି। ବ୍ୟକ୍ତିଗତ ୩୪ଟି ରହିଥିବା ବେଳେ ସାମୁହିକ ୫ଟି ରହିଥିବା ବରିଷ୍ଠ କିରାଣୀ ପବିତ୍ର କୁମାର୍ ମହାପାତ୍ର ସୂଚନା ଦେଇଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗୁ ଡୁଙ୍ଗୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଆଇଟିଡିଏ ପ୍ରବୀଣ କୁମାର ବାଣୁଆ, ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ତହସିଲଦାର ଭିକାରୀ ସାହୁ, ଏସଡିପିଓ ସୁପ୍ରସନ୍ନ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସହକାରୀ ଯନ୍ତ୍ରୀ ସଲିଲ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ଲେଙ୍କା, ଉପବିଭାଗୀୟ ଅଧିକାରୀ ସୁରେଶ ଚନ୍ଦ୍ର ପାଳଙ୍କ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କୃଷି ଉପକରଣ ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୮।୧୧(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ କୃଷି ଉପକରଣ ମେଳା ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳା ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମାରିୟମ ରଇତ, ଜିଲା କୃଷି ଅଧିକାରୀ ଆଇରେନିୟସ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ମେଳାରେ ସବୁ ବର୍ଗର ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। କୃଷକମାନେ ଚାଷ ପ୍ରଣାଳୀର ମାନଦଣ୍ଡ ବୃଦ୍ଧି କରି କିଭଳି ଭଲ ଫସଲ ଅମଳ କରିପାରିବେ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି। ଏହି ମେଳା ୫ଦିନ ଧରି ଚାଲୁ ରହିବ । ଜିଲାର ଉତ୍ତମ ଚାଷୀମାନଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ଜବତ ସୁନାକୁ କୋର୍ଟରେ ଚିହ୍ନଟକଲେ ସ୍ତ୍ରୀ

## ସନାତନ ଚୌଧୁରୀ ହତ୍ୟା ମାମଲା

ବ୍ରହ୍ମପୁର,୨୮।୧୧( ସୁବାସ ଚନ୍ଦ୍ର ପାଢ଼ୀ)

ବସ୍ ହକର ସନାତନ ଚୌଧୁରୀଙ୍କୁ ଗତ ମେ ୬ ତାରିଖରେ ହତ୍ୟା କରାଯାଇଥିଲା। ଏହି ମାମଲା ଏବେ କୋର୍ଟରେ ବିଚାରଧୀନ ରହିଛି। ହତ୍ୟାକାଣ୍ଡରେ ସଂପୃକ୍ତ ୬ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ଏଭଳି ସ୍ଥିତିରେ ପୂର୍ବରୁ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ସନାତନଙ୍କ ୭୦ଗ୍ରାମର ସୁନାଚେନକୁ ଚିହ୍ନଟ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିଲେ। ମଙ୍ଗଳବାର ସନାତନଙ୍କ ସ୍ତ୍ରୀ ସସ୍ମିତା ଚୌଧୁରୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ) ଶିବାନୀ ମିଶ୍ରଙ୍କ କୋର୍ଟରେ ହାଜର ହୋଇ ସ୍ୱାମୀଙ୍କ ସୁନାଚେନ୍‌କୁ ଚିହ୍ନଟ କରିଛନ୍ତି। କୋର୍ଟରେ ଏହି ଚିହ୍ନଟ ପ୍ରକ୍ରିୟା ଚାଲିଥିବା ବେଳେ ମାମଲାର ତତ୍କାଳୀନ ତଦନ୍ତ ଅଧିକାରୀ ତଥା ବଡବାଜର ଥାନାଧିକାରୀ ପ୍ରଶାନ୍ତ ଭୂପତି ଉପସ୍ଥିତ ଥିଲେ। ପୋଲିସ ଉକ୍ତ ସୁନାଚେନ ସନତାନଙ୍କ ସ୍ତ୍ରୀଙ୍କୁ ଦେବ ବୋଲି କହିଛି। ପ୍ରକାଶ ଯେ, ସନାତନଙ୍କୁ ୬ ଅଭିଯୁକ୍ତ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣି ହତ୍ୟା କରି ତାଙ୍କ ଠାରୁ ସୁନା ଚେନ ଲୁଟି ନେଇଥିଲେ। ଏ ନେଇ ବଡବାଜର ଥାନାରେ ହତ୍ୟା ମାମଲା ରୁଜୁ କରି ୬ଜଣଙ୍କୁ ଗିରଫ କରିଥିଲା।

# ଅଳେଶ୍ୱର ମହୋତ୍ସବରେ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ

ଗଞ୍ଜାମ,୨୮।୧୧(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପ୍ରୟାଗୀର ବାବା ଅଳେଶ୍ୱର ପୀଠ ନିକଟ ସମୁଦ୍ର ବେଳାଭୂମିଠାରେ ଦନ୍ତପୁର ମହୋତ୍ସବ ସରିଛି। ଅନ୍ତିମ ଦିବସରେ ନୌବାଣିଜ୍ଜ ପରମ୍ପରାର ସ୍ମୃତିଚାରଣ କରାଯାଇଛି। ବୋଇତ ବନ୍ଦାଣ ଉତ୍ସବ ବି ଅନୁଷ୍ଠିତ ହୋଇଛି। ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ବୋଇତ ବନ୍ଦାଣ ଉତ୍ସବକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ତରେଇ, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା, ସମିତି ସଭ୍ୟା ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇ ପାଲୁର ବନ୍ଦରରୁ ଅତୀତରେ ହେଉଥିବା ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ। ଏଥିରେ ୪ ଗ୍ରାମର ସଭାପତି ଅଶୋକ ଦଳେଇ, ରାମଚନ୍ଦ୍ର ପୃଷ୍ଟି, ଗଜେନ୍ଦ୍ର ମାଝୀ, ରଞ୍ଜନ ତରେଇ, ଜୟସେନ ପ୍ରଧାନ, ସତ୍ୟବାନ ଗୌଡ, ଅମୂଲ୍ୟ ଦଳାଇ, ସୁରେନ୍ଦ୍ର ନାଥ ପଲେଇ, ଯୋଗେନ୍ଦ୍ର ମାଝୀ, ସଦାନନ୍ଦ ଗୌଡ,ବଳରାମ ଗୌଡ, ଜୟସେନ ମାଝୀ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ। ପ୍ରୟାଗୀ, ଅରୁଣପୁର ଗ୍ରାମର ଯୁବକ, ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ସାଲୁଙ୍କି ଡ୍ୟାମରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଫୁଲବାଣୀ,୨୮।୧୧
(ରାକେଶ କୁମାର ରାଉତ)

ଫୁଲବାଣୀ ସହରସ୍ଥିତ ଡାକପାଲାଠାରେ ସାଲୁଙ୍କି ଡ୍ୟାମରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ୩ ନଂ ୱାର୍ଡ କାଉନସିଲର ବିରଜା କହଁରଙ୍କ ଭାଇ ପ୍ରକାଶ କହଁର(୩୫)। ମଙ୍ଗଳବାର ସନ୍ଧ୍ୟାରେ ନଦୀଖଣ୍ଡି ସାହିର ପ୍ରକାଶ ଶୌଚ ହେବାପାଇଁ ଡ୍ୟାମ ପାଖକୁ ଯାଇଥିଲେ। ହେଲେ ସେଠାରେ ସେ ପାଣି ଭିତରକୁ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଣିରେ ପଡିଥିବା ଦେଖି ଉଦ୍ଧାର କରିବା ସହ ମେଡିକାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ କାଉନସିଲର, ପୌରାଧ୍ୟକ୍ଷା ମେଡିକାଲକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୨୮।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଆଡପଡା ଗ୍ରାମ ପୋଖରୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପଙ୍କଜ ପ୍ରଧାନ (୫୩)। ପଙ୍କଜ ଗାଧୋଇ ଯାଇଥିବା ବେଳେ ଅସାବଧାନତାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପଙ୍କଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।

## ଇଲେକ୍ଟ୍ରୋନିକ୍ସ ବିଭାଗର ପାଠଚକ୍ର

ଭଞ୍ଜନଗର,୨୮।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲେକ୍ଟ୍ରୋନିକ୍ସ ବିଭାଗର ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ସ୍ନେହା ପାଳ ବ୍ଲକ ଚେନ ଉପରେ ଲିଖିତ ସନ୍ଦର୍ଭଟିକୁ ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ବୁଦ୍ଧିନାଥ ବେହେରା ସହଯୋଗ କରିଥିଲେ। ହିଞ୍ଜିଳିକାଟୁ କଲେଜ ଇଲେକ୍ଟ୍ରୋନିକ୍ସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପି. କେ. ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ର ବିଶ୍ୱଜିତ ମହାରଣା ସଭା ସଂଯୋଜନା କରିଥିଲେ। କର୍ମଚାରୀ ସୁନୀଲ କୁମାର ବ୍ରହ୍ମା, ଟୁନା ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ମୋହନା,୨୮।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ହିଲଟପ୍ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଯୁବ ବିକାଶ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ଏସକେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉନ୍ମୋଚନ ହୋଇପାରିବ ବୋଲି କହିଥିଲେ। ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା, କଲେଜ ପରିଚାଳନା କମିଟି ସଭାପତି ଦିବାକର ପାଢ଼ୀ, ସଦସ୍ୟ ପ୍ରଶାନ୍ତ ବିର, ଯୁକ୍ତ ୨ ଅଧ୍ୟକ୍ଷ ସିମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ନୋଡ଼ାଲ ଅଧିକାରୀ ଡକ୍ଟର ମନୋରଞ୍ଜନ ପାଣିଗ୍ରାହୀ ଓ ଅଧ୍ୟାପକ ଡକ୍ଟର ପ୍ରଣବାନନ୍ଦ ପାଢୋସିଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପରିଚାଳନା ଓ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବସ୍‌ରୁ ପଡ଼ି ମହିଳା ମୃତ

ଆର.ଉଦୟଗିରି,୨୮।୧୧(ମନୋଜ ପାଢ଼ୀ)

ଆର.ଉଦୟଗିରି ଥାନା ଅବାରସିଂ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଘରୋଇ ବସ (ବିକ୍ରାନ୍ତ)ରୁ ଓହ୍ଲାଇବା ସମୟରେ ଜଣେ ମହିଳା ପଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ସୁବାସିନୀ ନାୟକ। ବ୍ରହ୍ମପୁରରୁ ନୂଆପଡ଼ା ଯାଉଥିବା ବସ୍‌ରେ ସୁବାସିନି ଛେଲିଗଡ଼ଠାରେ ଚଢ଼ିଥିଲେ। ଅବାରସିଂ ଗ୍ରାମ ନିକଟରେ ଗାଡ଼ି ଅଟକିଲା ପରେ ସେ ଓହ୍ଲାଇବା ସମୟରେ ଗାଡ଼ିଟି ଛାଡ଼ି ଦେଇଥିଲା। ଫଳରେ ସେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ଛେଳିଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ସମୟରେ ଦିଗପହଣ୍ଡି ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ବସ୍‌କୁ ଜବତ କରିବା ସହ ବସ କର୍ମଚାରୀଙ୍କୁ ଅଟକ ରଖିଛି।

# ଆମ ବ୍ୟାଙ୍କ ଯୋଜନା ଶୁଭାରମ୍ଭ

ପୁରୁଷୋତ୍ତମପୁର,୨୮।୧୧(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଆଛୁଲି ଓ ଅନ୍ତରିଗାଁରେ ଆମ ବ୍ୟାଙ୍କ ଯୋଜନାରେ ନୂତନ ଭାବେ ୟୁନିୟନ ବ୍ୟାଙ୍କକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି। ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ବିଡିଓ ମନୋଜ କୁମାର ନାୟକ, ଜିଲା ପରିଷଦସଭ୍ୟ ଭଜମନ ବେହେରା, ଏମପି ପ୍ରତିନିଧି ସୁଦର୍ଶନ ନାୟକ, ସରପଞ୍ଚ ସୁଧାକର ଗୌଡ ଉପସ୍ଥିତ ଥିଲେ।

# ଜେଲରେ ସଜା କାଟୁଥିବା କଏଦୀଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୮।୧୧(ବିକ୍ରମ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡେଲରପଡ଼ା (ଲଦା) ଗାଁର ଅଗସ୍ତି ନାୟକଙ୍କ ପୁଅ ପ୍ରତାପ (୨୫)ଦୀର୍ଘ ୬ ମାସ ହେଲା ସମ୍ବଲପୁର ଜେଲରେ କୌଣସି କାରଣରୁ ସଜା କାଟୁଥିଲେ। ତାଙ୍କର ହେହ ଅସୁସ୍ଥ ଥିବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବାର ପୋଲିସ ସୂଚନା ଦେଇଛି।

# ୪ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଲୋକାର୍ପିତ

ଆସିକା,୨୮।୧୧ (ସୁରେନ୍ଦ୍ର ନାଥ ସାହୁ)

ବ୍ୟାଙ୍କ ବିହିନ ଗ୍ରାମ ପଞ୍ଚାୟତରେ ସିଏସପି ପ୍ଲସ ମାଧ୍ୟମରେ ଆମ ବ୍ୟାଙ୍କ ସେବା ମଙ୍ଗଳବାର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକସଭା ଭବନରୁ ଭିଡିଓ କନଫେରେନ୍ସିଂ ମାଧ୍ୟମରେ କରାଯାଇଥିଲା ବେଳେ ଆସିକା ବ୍ଲକର ୪ଟି ପଞ୍ଚାୟତ ରହିଛି। ସେଗୁଡିକ ହେଲା ବାବନପୁର, ଗହଙ୍ଗୁ, କେନ୍ଦୁପଦର ଓ ବାଙ୍ଗରଡା । ବାବନପୁର ପଞ୍ଚାୟତରେ ସରପଞ୍ଚ ସଂଜୟ କୁମାର ନାୟକଙ୍କ ଉପସ୍ଥିତିରେ ଆସିକା ଏମପି. ପ୍ରମିଳା ବିଷୋୟୀ, ଗହଙ୍ଗୁ ପଞ୍ଚାୟତରେ ବିଡିଓ ଫକୀର ଚରଣ ପରିଡା ଓ ସରପଞ୍ଚ ମନୋଜ କୁମାର ପରିଡାଙ୍କ ଉପସ୍ଥିତିରେ ଆସିକା ବିଧାୟିକା ମଂଜୁଳା ସ୍ୱାଇଁ, କେନ୍ଦୁପଦର ପଞ୍ଚାୟତରେ ସରପଞ୍ଚ ଭବାନୀ ଶଙ୍କର ମଲିକ ଓ ବାଙ୍ଗରଡା ପଞ୍ଚାୟତରେ ସରପଞ୍ଚ ରଂଜିତା କୁମାରୀ ବିଶ୍ୱାଳଙ୍କ ଦ୍ୱାରା ଫଳକ ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତ ଲାଗି ନିୟୋଜିତ ନୋଡାଲ ଅଫିସର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାଲାଜୀ ମହାବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାର।

ଚିକିଟି,୨୮।୧୧(ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ ଯୋଜନା ଆନୁକୁଲ୍ୟରେ ଯୁବ ଓଡିଶା ନବୀନ ଓଡିଶା 'ନୂଆ- ଓ' ଯୋଜନା ଅବସରରେ ୫ଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ପ୍ରଧାନ ଯୋଗ ଦେଇଥିବା ବେଳେ ଉଦଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ କଳା, ସଂସ୍କୃତି ଓ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିରେ ନାଚ, ଗୀତ, ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ଆବୃତ୍ତି ପ୍ରତିଯୋଗିତା, ଫେସନ ଶୋ' ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ମହାବିଦ୍ୟାଳୟର ଅଧ୍ୟାପକ ତଥା ନୋଡାଲ ଅଧିକାରୀ ଅୟସ୍କାନ୍ତି ମହାନ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ସ୍ମୃତିରଞ୍ଜନ ଜେନା ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜିଲାସ୍ତରୀୟ କୃଷକ ମହା ପଞ୍ଚାୟତ

ରମ୍ଭା,୨୮।୧୧(ବନବାସୀ ସେଠୀ):

ଗଞ୍ଜାମ ଜିଲା ଐତିହାସିକ ସହର ରମ୍ଭା ରେଳ ଷ୍ଟେସନ ନିକଟସ୍ଥ ସାବୁଲିଆ ଠାରେ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ତରଫରୁ କୃଷକ ମହା ପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା, ହୁମ୍ମା, ରାମଗଡ଼, ଜେ.ଆର୍.ଜି.ପୁର ଓ ସାନରାମଚନ୍ଦ୍ରପୁରରୁ ହଜାର ହଜାର ଚାଷୀ ସମବେତ ହୋଇ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ଅବସରରେ ଚଳିତ ବର୍ଷ ଦେଖାଦେଇଥିବା ଉତ୍କଟ ମରୁଡ଼ି ପ୍ରତି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଉଦାସୀନତା ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଉକ୍ତ ସଭାରେ ମହାସଂଘର ୧୫ଟି ରାଜ୍ୟରୁ ଆସିଥିବା କୃଷକ ନେତା ଗଞ୍ଜାମ ଜିଲାର କୃଷକ ମାନଙ୍କର ଦୁର୍ଦ୍ଦଶା ପ୍ରତି ସମର୍ଥନ ଜଣାଇ ଆଗାମୀ ଭାବିଷ୍ୟତରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଶପଥ ନେଇଥିଲେ। ଏହି ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସଚିନ୍ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ଶିବ କୁମାର କାକାଜି, ପଞ୍ଜାବର ବିଶିଷ୍ଟ କୃଷକ ନେତା ଜଗତବିତ୍ ସିଂହ, ମହାରାଷ୍ଟ୍ରର ଶଙ୍କର ଦେଡକର, ତାମିଲନାଡୁର ପୁରୁଷୋତ୍ତମ, କର୍ଣ୍ଣାଟକର ଜି. ନାରାୟଣ, ଉତ୍ତରପ୍ରଦେଶର ରବିଦାନ୍ତ, କେରଳରୁ କେଭି ବିଜୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା ସ୍ୱାସ୍ଥି ସୁନ୍ଦର ସିୟ ସଂଯୋଜନା କରିଥିବା ବେଳେ ଆଞ୍ଚଳିକ କୃଷକ ପ୍ରତିନିଧି ବାନାମ୍ବର ପଲାଇ, ବିଜୟ କୁମାର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପଣ୍ଡା, କିଶୋର ଚନ୍ଦ୍ର ସାହୁ, ସିମାଞ୍ଚଳ ନାହାକ, ରବୀନ୍ଦ୍ର କୁମାର ସାହୁ, ଆରତ ତ୍ରାଣ ପଲାଇ, ଉଲ୍ଲାସ ସ୍ୱାଇଁ, ଆର.ଦୟାନିଧି ପ୍ରଧାନ, ଅର୍ଜ୍ଜୁନ ମହାଙ୍କୁଡ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମରେଶ ପାଇକରାୟ ଭୁବନେଶ୍ୱର ଓ ରାମପ୍ରସାଦ ସେନାପତି ରମ୍ଭା ଯୁବ କୃଷକ ନେତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବିଶ୍ୱଜିତ୍ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀନେତା।

